# Akashvani, Sambalpur

## SAMBALPURI NEWS EVENING BULLETIN

**14 July 2025- 7.02 pm- 7.12 pm.**

*******************************************

୧- ଝି’ମାନେ ଡାକ୍ତରୀ ପାଠ୍‌ପଢ୍‌ଲେ ସେବା ଆହୁରି ଜୋର୍‌ଦାର୍ ଆଉ ଯତ୍ନବାନ୍ ହେଇପାର୍‌ବା ବଲି କହେଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ଆଏଜ୍ ଦୁଇଦିନିଆ ଓଡ଼ିଶା ଗସ୍ତଥି ଆସିକରି ଭୁବ୍‌ନେଶ୍ୱର୍ ଏମ୍ସର ୫ ନମ୍ବର୍ ସମାବର୍ତ୍ତନ୍ ସମାରୋହକେ କଲେ ଉଦ୍‌ଘାଟନ୍ ।

୨- ଭୁବ୍‌ନେଶ୍ୱର୍ ଏମ୍ସ ନ ଫକୀର୍ ମୋହନ୍ ବିଶ୍ୱବିଦ୍ୟାଳୟର୍ ଚିକିତ୍ସାଧୀନ୍ ଛାତ୍ରୀଙ୍କର୍ ସ୍ୱାସ୍ଥ୍ୟବସ୍ଥା ପଚ୍‌ରେଇ ବୁଝ୍‌ଲେ ରାଜ୍ୟପାଲ୍ ।

୩- ଏକ୍ସିଅମ୍- ୪ ମିଶନ୍‌ର ୪ ଝନ୍ କ୍ରୁ ସଦସ୍ୟଙ୍କର୍ ପୁର୍‌ଥି ଫିର୍‌ବାର୍ ପ୍ରକ୍ରିୟା ହେଲା ମୁଲ୍ ।

- ସଫଲତା ସହେତେ ସର୍‌ଲା ଅନ୍‌ଡକିଂ ପ୍ରକ୍ରିୟା ।

ଆଉର୍

୫- ଶ୍ରାବଣ୍ ମାସର୍ ପହେଲା ସୋମ୍‌ବାର୍ ଲାଗି ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଶିବମନ୍ଦିର୍ ମାନ୍‌କେ ହେଇଛେ କାଉଡ଼ିଆମାନ୍‌କର୍ ଭିଡ୍ ।

ରାଷ୍ଟ୍ରପତି -ଓଡ଼ିଶା ଆର୍‌ଏନ୍‌ୟୁ/ ସମ୍ବଲପୁର/କଟକ୍ ସମ୍ବାଦଦାତା

ସବୁ କ୍ଷେତ୍ର ବାଗିର୍ ମେଡ଼ିକାଲ୍ କ୍ଷେତ୍ର ନ ଭିଲ୍ ଆମର୍ ଝିʼମାନେ ଭଲ୍ ପ୍ରଦର୍ଶନ୍ କର୍‌ବାର୍‌ଟା ନିଶ୍ଚିତ୍ ଭାବେ ଉତ୍ସାହଜନକ୍ ଆଏ ବଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ । ୨ ଦିନିଆ ଓଡ଼ିଶା ଗସ୍ତଥି ଆଏଜ୍ ଉପର୍‌ବେଲା ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ପହଁଚିବାର୍ ଉତ୍‌ରୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଭୁବ୍‌ନେଶ୍ୱର୍ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ୍ ସଂସ୍ଥାନ୍- ଏମ୍ସ ର ୫ ନମ୍ବର୍ ସମାବର୍ତନ୍ ସମାରୋହଥି ଯୋଗ୍ ଦେଇକରି କହିଛନ୍, ଇତିହାସ୍ କହୁଛେ ମାʼ, ବହେନ୍‌ମାନେ ସେବାର ପ୍ରତୀକ୍ ଆନ୍ । ଝିʼମାନେ ଡାକ୍ତରୀ ପାଠ୍‌ପଢ଼୍‌ଲେ ସେବା ଆହୁରି ଜୋର୍‌ଦାର୍ ହେବା ଆଉ ଆହୁରି ଯତ୍ନବାନ୍ ହେଇପାର୍‌ବା ବଲି ରାଷ୍ଟ୍ରପତି କହିଛନ୍ । ସେ ଆହୁରି କହିଛନ୍, ଆଏଜ୍ ସାରା ଭାରତ୍ ନ ବହୁତ୍‌ଟେ ଜାଗା ନ ଏମ୍ସ ସ୍ଥାପିତ୍ ହେଇଛେ । ଇ ଅନୁଷ୍ଠାନ୍

ଆଧୁନିକ୍ ଚିକିତ୍ସା ବିଜ୍ଞାନ୍ ଆଉ ଅଭିଜ୍ଞ ଡାକ୍ତର୍‌ମାନ୍‌କର୍ ଜରିଏ ସ୍ୱାସ୍ଥ୍ୟସେବା ଦେଇ ଆସିଛେ ବଲି ରାଷ୍ଟ୍ରପତି କହିଛନ୍ ।

ରାଷ୍ଟ୍ରପତି ମୁର୍ମୁ ଇ ବଛର୍ ୬ ଶହ ୪୩ ଝନ୍ ଡାକ୍ତରୀ ଛାତ୍ରଙ୍କୁ ଡିଗ୍ରୀ ସହେତେ ୩୧ ଝନ୍ ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ୍ ଭିଲ୍ ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍‌ଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତିବିଶେଷ୍ ଯୋଗ୍ ଦେଇଛନ୍ ।

ଆଏବାକାଏଲ୍ ରାଷ୍ଟ୍ରପତି ସଖାଲର୍ ୧୦ ବଜେ ରାଜ୍‌ଭବନ୍‌ନୁ ବାହାରିକରି ଦିନର୍ ୧୧ ବଜେ କଟକ୍‌ର ରେଭେନ୍ସା ବିଶ୍ୱବିଦ୍ୟାଳୟର୍ ୧୩ ନମ୍ବର୍ ସମାବର୍ତ୍ତନ୍ ଉତ୍ସବ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ତାର୍ ଉତ୍‌ରୁ ମଏଧାନର୍ ୧୨ ବାଜିକରି ୨୦ ମିନିଟ୍‌ଥି ସେ କଟକ୍ ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟର୍ ଉନ୍ନତିକରଣ୍ କାମ୍‌ର ଭିତିପ୍ରସ୍ତର୍ ଥାପ୍‌ନା କର୍‌ବେ । ଉପର୍‌ବେଲା ୪ ବଜେ ରାଷ୍ଟ୍ରପତି କଟକ୍ ତୁଳସୀପୁର୍ ବିଜୁ ପଟ୍ଟନାୟକ୍ ଛକ୍ ନ ଥିବା ସାରଳା ଭବନ୍ ନ ସାରଳା ସାହିତ୍ୟ ସଂସଦ୍ ତର୍‌ଫୁ ହେବାର୍‌କେ ଥିବାର୍ ଆଦିକବି ସାରଳା ଦାସଙ୍କର୍ ୬ ଶହ ତମ ଜୟନ୍ତୀ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ ସହେତେ କଳିଙ୍ଗ ରତ୍ନ ପୁରସ୍କାର୍ ୨୦୨୪ ପ୍ରଦାନ୍ କର୍‌ବେ ।

ସେନୁ ବାହାରିକରି ବେଲ୍‌ବୁଡ଼ର୍ ୬ ବଜେ ରାଷ୍ଟ୍ରପତି ଦିଲ୍ଲୀ ଫିରିଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ବାଲେଶ୍ୱର୍- ରାଜ୍ୟପାଲ୍ ହି.ସ.

ବାଲେଶ୍ୱର୍ ଫକୀର୍ ମୋହନ୍ ବିଶ୍ୱବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟ୍‌ନାଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଗଭୀର ଚିନ୍ତା ବ୍ୟକ୍ତ କର୍‌ବାର୍ ସହେତେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ସାଙ୍ଗେ ଆଲୋଚନା କରିକରି ଘଟ୍‌ନାର୍ ଥିତି ଆଉ ସର୍‌କାର୍‌ଙ୍କର୍ ତର୍‌ଫୁ ନିଆଯାଇଥିବା ପଦକ୍ଷେପ୍ ବାବ୍‌ଦେ ପଚ୍‌ରେଇ ବୁଝିଛନ୍ । ରାଜ୍ୟପାଲ୍ କହିଛନ୍, ଛାତ୍ରଛାତ୍ରୀମାନ୍‌କର୍ ସୁରକ୍ଷା ମାନସିକ ସ୍ୱାସ୍ଥ୍ୟ ଆଉ ଗରିମାକେ ରକ୍ଷା କର୍‌ବାର୍ ଲାଗି ଶିକ୍ଷାନୁଷ୍ଠାନ୍‌ମାନକର୍ ସର୍ବୋଚ୍ଚ ପ୍ରାଥମିକତା ରହେବାର୍ ଦର୍‌କାର୍ । ଘଟ୍‌ନାଥି ସମ୍ପୃକ୍ତ ଥିବା ଅଧିକାରୀମାନ୍‌କୁ ଇ ମାମ୍‌ଲାଥି ସମ୍ବେଦନଶୀଳତା, ତତ୍ପରତା ଆଉ ଦାୟିତ୍ୱବୋଧ ସହେତେ କାମ୍ କର୍‌ବାର୍‌କେ ରାଜ୍ୟପାଲ୍ ଆହ୍ୱାନ୍ ଦେଇଛନ୍ ।

ସେଆଡ଼େ ଚିକିତ୍ସାଧୀନ୍ ଛାତ୍ରୀଙ୍କର୍ ସ୍ୱାସ୍ଥ୍ୟବସ୍ଥା ଗୁରୁତର୍ ରହିଛେ ବଲି ଏମ୍ସର ଅଧୀକ୍ଷକ ଦିଲ୍ଲୀପ୍ କୁମାର୍ ପରିଡ଼ା କହିଛନ୍ । ଖାସ୍ ଡାକ୍ତରୀ ଦଲ୍ ଅଠିପହର୍ ଛାତ୍ରୀଙ୍କର୍ ଚିକିତ୍ସାଥି

ଲାଗିଛନ୍ । ଦିଲ୍ଲୀ ଏମ୍ସ ସହେତେ ନିରନ୍ତର୍ ଯୋଗାଯୋଗ୍ଥି ରହିକରି ଜରୁରୀ ଚିକିତ୍ସା ଦିଆଯାଉଛେ ବଲି ଶ୍ରୀ ପରିଡ଼ା କହିଛନ୍ ।

(ଭଏସ୍ ଓଭର୍- ଦିଲ୍ଲୀପ୍ ପରିଡ଼ା)

କେନ୍ଦ୍ରୀୟ ବିଦ୍ୟାଲୟ କାର୍ଯ୍ୟକ୍ଷମ ହି.ସ.

ଇ ବଛର୍ ରାଏଜେ ୮ ଟା କେନ୍ଦ୍ରୀୟ ବିଦ୍ୟାଲୟ କାର୍ଯ୍ୟକ୍ଷମ ହେଇଛେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଖୋର୍ଦ୍ଧା ଆଇଟିବିପି ପରିସର୍ ନ କେନ୍ଦ୍ରୀୟ ବିଦ୍ୟାଲୟର୍ ଅସ୍ଥାୟୀ କୋଠାକେ ଉଦ୍ଘାଟନ୍ ଆଉ ସ୍ଥାୟୀ କେମ୍ପସ୍ର ଭିତିପ୍ରସ୍ତର୍ ଥାପ୍ନା ସମାରୋହଥି ଯୋଗ୍ ଦେଇକରି ଶ୍ରୀ ପ୍ରଧାନ୍ କହିଛନ୍, ରାଏଜେ ଇହାଦେ ୭୫ ଟା କେନ୍ଦ୍ରୀୟ ବିଦ୍ୟାଲୟ କାର୍ଯ୍ୟକ୍ଷମ୍ ହେଇଛେ । ସବୁ ସବ୍ଡିଭିଜନ୍ ମାନ୍କେ କେନ୍ଦ୍ରୀୟ ବିଦ୍ୟାଲୟ ଖୁଲ୍ବାର୍ ଆବଶ୍ୟକତା ଉପ୍ରେ ଜୋର୍ ଦେଇକରି ଶ୍ରୀ ପ୍ରଧାନ୍ କହିଛନ୍, ୪୫ ଟା ସବ୍ଡିଭିଜନ୍ଥି କେନ୍ଦ୍ରୀୟ ବିଦ୍ୟାଲୟ ଖୁଲା ସରିଛେ । ବାକି ସବୁନୁ ଖୋବ୍ ଜଲ୍ଦି ଥାପ୍ନା କରାଯିବାର୍କେ ପଦକ୍ଷେପ୍ ନିଆଯିବା ବଲି ଶ୍ରୀ ପ୍ରଧାନ୍ କହିଛନ୍ ।

ବାର୍ଡ଼ ଫ୍ଲୁ ଆର୍ଏନ୍ୟୁ/ କଟକ୍

ବାର୍ଡ୍ ଫ୍ଲୁ ପ୍ରଭାବିତ୍ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ୍ ନ ଆଏଜ୍ ଜନସ୍ୱାସ୍ଥ୍ୟ ବିଭାଗ୍ର ଗୁଟେ ଦଲ୍ ପୁହୁଁଚିକରି ଥିତିର୍ ସମୀକ୍ଷା କରିଛନ୍ । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡକ୍ଟର୍ ନୀଳକଣ୍ଠ ମିଶ୍ର ଇ ବାବ୍ଦେ ସୂଚ୍ନା ଦେଇକରି କହିଛନ୍, ବାର୍ଡ୍ ଫ୍ଲୁ ରିପୋର୍ଟ ମିଲ୍ବାର୍ ଆଘୋନୁ କୁକୁଡ଼ା ମାନ୍କର୍ ମର୍ବାର୍ ଖବର୍ ମିଲିଥିଲା । ପ୍ରଭାବିତ୍ ଇଲାକା ନ କୁକୁଡ଼ା ଫାର୍ମଥି କାମ୍ କରୁଥିବା କର୍ମଚାରୀମାନ୍କୁ ପ୍ରତିଷେଧକ୍ ଡୋଜ୍ ସହେତେ ପିପିଟି କିଟ୍ ଦିଆଯାଇଥିଲା ବଲି ଡାକ୍ତର୍ ମିଶ୍ର କହିଛନ୍ । ଡେଲାଙ୍ଗ ଆଉ ପିପିଲିର କୁକୁଡ଼ା ଫାର୍ମ ମାନ୍କେ କାର୍ବାର୍ ବନ୍ଦ୍ ରଖାଯାଇଛେ । ପଶୁ ସମ୍ପଦ୍ ବିଭାଗ୍ ତର୍ଫୁ ପ୍ରଭାବିତ୍ ଇଲାକା ନ କୁକୁଡ଼ା ମାର୍ବାର୍ ପ୍ରକ୍ରିୟା ଜାରି ରହିଛେ ବଲି ଜନସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ପିଜିଟି ଶିକ୍ଷକ୍ ତାଲିମ୍ କାର୍ଯ୍ୟକ୍ରମ୍ I&PR

ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନ୍ଥି ଥିବା ବେସର୍କାରୀ ଅନୁଦାନ୍ପ୍ରାପ୍ତ ଉଚ୍ଚମାଧ୍ୟମିକ୍ ବିଦ୍ୟାଳୟ ନ ନିଯୁକ୍ତି ପାଇଥିବା ସ୍ନାତକୋତର ପିଜିଟି ଶିକ୍ଷକ୍, ଶିକ୍ଷୟିତ୍ରୀମାନ୍କର୍ ଲାଗି ୫ ଦିନିଆ ପ୍ରଶିକ୍ଷଣ୍ ଶିବିର୍ ଭୁବ୍ନେଶ୍ୱର୍ ଶିରିପୁର୍ର ଇମେଜ୍ ଠାନେ ମୁଲ୍ ହେଇଛେ । ଶିବିର୍କେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ର ଅତିରିକ୍ତ ଶାସନ୍ ସଚିବ

ଉଦ୍‌ଘାଟନ୍ କରିଥିଲେ । ଶିବିର୍‌ଥି ଶହେ ୨୫ ଝନ୍ ପିଜିଟି ଶିକ୍ଷକ୍, ଶିକ୍ଷୟିତ୍ରୀ ଯୋଗ୍ ଦେଇଛନ୍ । ଇ ତାଲିମ୍ କାର୍ଯ୍ୟକ୍ରମ୍‌ଥି ପିଜିଟି ଶିକ୍ଷକ୍‌ମାନ୍‌କର୍ ଦକ୍ଷତା ବିକାଶ୍ ଉପ୍‌ରେ ଜୋର୍ ଦିଆଯିବା । ଓଡ଼ିଶା କେରିଅର୍ ପୋର୍ଟାଲ୍ ପରିଚାଲ୍‌ନା, ଶିକ୍ଷକ୍‌ମାନ୍‌କର୍ ବୃତିଗତ ବିକାଶ୍, ଗ୍ରୁପ୍ ଏକ୍ଟିଭିଟି, ଆକାଂକ୍ଷା ବିଦ୍ୟାଳୟର୍ ଗଠନ୍ ବାଗିର୍ ଭିନ୍ ଭିନ୍ ବିଷେଥି ତାଲିମ୍ ଦିଆଯବା ।

ଏକ୍ସିଅମ୍ - ୪ ଆର୍‌ଏନ୍‌ୟୁ/ ସମ୍ବଲପୁର

ଏକ୍ସିଅମ୍ - ୪ ମିଶନ୍‌ଥି ଅନ୍ତର୍ଜାତୀୟ ମହାକାଶ୍ କେନ୍ଦ୍ର-ଆଇଏସ୍‌ଏସ୍ କେ ଯାଇଥିବା ଭାରତୀୟ ମହାକାଶ୍‌ଚାରୀ ଗ୍ରୁପ୍ କେପ୍‌ଟେନ୍ ଶୁଭାଂଶୁ ଶୁକ୍ଲା ଆଉ ଅଲ୍‌ଗା ୩ ଝନ୍ ସଦସ୍ୟ ଆଏଜ୍ ପୁର୍‌ଥିକେ ଫିର୍‌ବାର ଲାଗି ଯାତ୍ରା ମୁଲ୍ କରିଛନ୍ । ଭାରତୀୟ ସମିଆ ଅନ୍‌ସାରେ ଉପର୍‌ବେଲା ସାଢ଼େ ୪ ବଜେ ଅନ୍ ଡକିଂ ପ୍ରକ୍ରିୟା ସଫଲତାର୍ ସହେତେ ଶେଷ୍ ହେଇଛେ । ସଦସ୍ୟମାନେ ଆଏବା କାଏଲ୍ ଉପର୍‌ବେଲା ୩ ବଜେ ପୁର୍‌ଥି ପୃଷ୍ଠ ନ ପୁହୁଁଚିବେ ।

ଇନ ଜନେଇ ଦିଆଯାଇପାରେ ଯେ, ଗ୍ରୁପ୍ କେପ୍‌ଟେନ୍ ଶ୍ରୀ ଶୁକ୍ଲା ଅନ୍ତର୍ଜାତୀୟ ମହାକାଶ୍ କେନ୍ଦ୍ରକେ ୧୪ ଦିନର୍ ମିଶନ୍ ଗସ୍ତଥି ଅଛନ୍ । ସେ ପହେଲା ଭାରତୀୟ ଭାବେ ଅନ୍ତର୍ଜାତୀୟ

ମହାକାଶ କେନ୍ଦ୍ରନୁ ଗସ୍ତ କରିଛନ୍ । ଆଉ ୱିଙ୍ଗ୍ କମାଣ୍ଡର୍ ରାକେଶ୍ ଶର୍ମାଙ୍କର୍ ଉତ୍ରୁ ୨ ନମ୍ବର୍ ମହାକାଶ୍ଚାରୀ ଭାବେ ମହାକାଶ୍ ଯାଇଛନ୍ । ଇ ସମିଆଥି ଗ୍ରୁପ୍ କେପ୍ଟେନ୍ ଶୁକ୍ଲା ଭାରତ୍ ବାବ୍ଦେ ୭ ଟା ଖାସ୍ ପରୀକ୍ଷଣ୍ କରିଛନ୍ ।

## ମିଳିତ୍ ଜନ ଅଭିଯୋଗ୍ ଶୁଣାଣି ବୌଦ୍ଧ/ ସୁବର୍ଣ୍ଣପୁର୍/ ନୂଆପଡ଼ା/ କଳାହାଣ୍ଡି

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଆଏଜ୍ ଜିଲ୍ଲାପାଳ୍ ଆର୍ ଆରକ୍ଷୀ ଅଧିକ୍ଷକ୍ମାନେ ମିଳିତ୍ ଜନ ଅଭିଯୋଗ୍ ଶୁଣାଣି କରିଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ବୀର୍ମହାରାଜ୍ପୁର୍ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାନେ ହେଇଥିବା ଜନଶୁଣାଣି ଶିବିର୍ଥି ୮ ଟା ଅଭିଯୋଗ୍ ଆସିଥିଲା । ସେ ଭିତ୍ରୁ ଗୁଟେ ଦର୍ଖାସ୍ତକେ ରେଡ଼କ୍ରସ୍ ଆଉ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକେ ସାହାଜ୍ ଲାଗି ପଠାଯାଇଥିଲା ।

କଳାହାଣ୍ଡି ଜିଲ୍ଲା ଜୁନାଗଡ଼୍ ବ୍ଲକ୍ସ୍ତରୀୟ ଜିଲ୍ଲାପାଳ୍ ଆଉ ଆରକ୍ଷୀ ଅଧିକ୍ଷକଙ୍କର୍ ଯୁଗ୍ମ ଜନଶୁଣାଣି ଶିବିର୍ ବ୍ଲକ କାର୍ଯ୍ୟାଳୟ ସଭାଗୃହ ନ ହେଇଯାଇଛେ । ଶିବିର୍ଥି ୪୩ ଟା ଅଭିଯୋଗ୍ ଆସିଥିଲା । ସେଥିର୍ଭିତ୍ରୁ ୬ ଟା ଅଭିଯୋଗ୍ର ତୁର୍ତି ସମାଧାନ୍ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ହର୍ଭଙ୍ଗା ବ୍ଲକ୍ କାର୍ଯ୍ୟାଳୟ ଠାନେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକଙ୍କର୍ ଜନଅଭିଯୋଗ୍ ଶୁଣାଣି ଶିବିର୍ ହେଇଯାଇଛେ । ଶିବିର୍ଥି ଶହେ ୫ ଟା ଅଭିଯୋଗ୍ ଆସିଥିଲା । ସେଥିର୍ଭିତ୍ରୁ ୪୭ ଟା ଅଭିଯୋଗ୍ର ତୁର୍ତି ସମାଧାନ୍ କରାଯାଇଥିଲା ।

ନୂଆପଡ଼ା ଜିଲ୍ଲା କୋମ୍ନା ପଂଚାୟତ୍ ସମିତି ସମ୍ମିଳନୀ କକ୍ଷ ଠାନେ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକଙ୍କର୍ ଯୁଗ୍ମ ଜନଶୁଣାଣି ଶିବିର୍ ହେଇଯାଇଛେ ।

ଦେବ୍ଗଡ଼୍ ରିଆମାଲ୍ ବ୍ଲକ୍ କଲ୍ୟାଣ ମଣ୍ଡପ୍ ଠାନେ ହେଇଥିବା ଜନଶୁଣାଣି ଶିବିର୍ଥି ୫ ଟା ଅଭିଯୋଗ୍ ଆସିଥିଲା ।ବାକି ଅଭିଯୋଗ୍ ମାନ୍କର୍ ତୁର୍ତି ସମାଧାନ୍ କର୍ବାର୍କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଶ୍ରାବଣ୍ ସୋମ୍ବାର୍ / ବର୍ଗଡ଼୍/ ସୁବର୍ଣ୍ଣପୁର/ ବୌଦ୍ଧ/ ନୂଆପଡ଼ା

ଶ୍ରାବଣ୍ ମାସର୍ ପହେଲା ସୋମ୍ବାର୍ ଦିନେ ଆଏଜ୍ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଶିବ ମନ୍ଦିର୍ ମାନ୍କେ ଭକ୍ତମାନ୍କର୍ ଭିଡ଼୍ ଲାଗି ରହିଛେ । ପହପହନୁ ଭକ୍ତମାନେ ଶିବମନ୍ଦିର୍ ମାନ୍କେ ପାଏନ୍ ଢାଲିକରି ଭଗବାନ୍ ଶିବଙ୍କର୍ ଦର୍ଶନ୍ କରିଛନ୍ ।

ଇ ଅବ୍ସରେ ସମ୍ବଲ୍ପୁର୍ ଜିଲ୍ଲାର୍ ହୁମା, ମାନେଶ୍ୱର୍, ମୁକ୍ତେଶ୍ୱର୍, କକ୍ଷେଶ୍ୱର୍ ଶିବ ମନ୍ଦିର୍ ନ ବାହାରୁ ବହୁତ୍ଟେ ଭକ୍ତ ପାଏନ୍ ନେଇକରି ଆସିକରି ଶିବଙ୍କୁ ପାଏନ୍ ଚଢ଼େଇଛନ୍ ।

ଇତାର୍ଛଡ଼ା ସମ୍ବଲ୍ପୁର୍ ସହରର୍ ବାଲିବନ୍ଧା, ବୁଢ଼ାରଜା, ଦୁର୍ଗାପାଲି, ଝାଡୁଆପଡ଼ା, ନନ୍ଦପଡ଼ା, ମୁଦିପଡ଼ା ସହେତେ ସବୁ ଶିବମନ୍ଦିର୍ ମାନ୍କେ ଦର୍ଶନ୍ ଆର୍ ପାଏନ୍ ଚଢ଼ାବାର୍କେ ଭକ୍ତ ଆର୍ କାଉଡ଼ିଆମାନ୍କର୍ ଭିଡ଼୍ ଲାଗିଥିଲା ।

ବର୍ଗଡ଼୍ ଜିଲ୍ଲାର୍ ଭିନ୍ ଭିନ୍ ଶିବ ମନ୍ଦିର୍ ନ ଭକ୍ତମାନେ ପୂଜା ଅର୍ଚ୍ଚନା କରୁଛନ୍ । ଜିଲ୍ଲାର୍ ଅଷ୍ଟଶମ୍ଭୁ ପୀଠ ଅତାବିରାର୍ ସରଣ୍ଡା ଆର୍ ସର୍ଣ୍ଣା, ବର୍ଗଡ଼୍ର ଗାଇସିମା ଆର୍ ଦେଗାଁ, ଭଟ୍ଲିର୍ ନୀଲଜୀ, ଅମ୍ବଭୋନାର୍ କେଦାର୍ନାଥ୍ଙ୍କୁ ଭକ୍ତମାନେ ପହପହନୁ ପାଏନ୍ ଚଢ଼େଇକରି  ଦର୍ଶନ୍ କରୁଛନ୍ । ସେନ୍ତା ପାଇକ୍ମାଲ୍ର ନୃସିଂହନାଥ ପୀଠ ନ କାଉଡ଼ିଆମାନ୍କର୍ ଭିଡ଼୍ ହେଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ଶିବମନ୍ଦିର୍ ମାନ୍କେ ଭିଲ୍ ଆଏଜ୍ ଭକ୍ତମାନ୍କର୍ ଭିଡ଼୍ ଲାଗି ରହିଛେ । ମନ୍ଦିରମାଳିନୀ ସୁବର୍ଣ୍ଣପୁର୍ର ଅଷ୍ଟଶମ୍ଭୁ ବାବା ସୁବର୍ଣ୍ଣମେରୁ, ରାମେଶ୍ୱର୍, ଗୋକର୍ଣ୍ଣେଶ୍ୱର୍ ସହେତେ ବୈଦ୍ୟନାଥର ବାବା କୋଶଳେଶ୍ୱର, ଚର୍ଦାର୍ ବାବା କପିଳେଶ୍ୱର୍, ବୀର୍ମହାରାଜ୍ପୁର୍ର ବାବା ଚମ୍ପେଶ୍ୱର, ବାବା ଗୋଧନେଶ୍ୱର୍ ଆର୍ ନାଗେଶ୍ୱର୍ ମନ୍ଦିର୍ ନ ଶ୍ରଦ୍ଧାଳୁଙ୍କର୍ ଭିନ୍ ହେଉଥିବାର୍ ଦେଖାଯାଇଛେ । ରାଜ୍ୟର୍ ଭିନ୍ ଭିନ୍ ଜାଗା ନୁ ବୋଲ୍ବମ୍ ଭକ୍ତମାନେ ବହୁତ୍ଟେ ଆସିକରି ମହାନଦୀ ଆର୍ ତେଲ୍ନଦୀର ସଂଗମ୍ସ୍ଥଲ୍ ସ୍ୱର୍ଣ୍ଣପୟାଗ୍ ଘାଟ୍ନୁ ପାଏନ୍ ନେଇକରି ଶିବଙ୍କୁ ଚଢ଼େଇଛନ୍ । ଭିଡ଼୍କେ ନଜର୍ଥି ରଖିକରି ମନ୍ଦିର୍ମାନ୍କେ ଜିଲ୍ଲା ପ୍ରଶାସନ୍ ଆର୍ ପୁଲିସ୍ ତର୍ଫୁ ଶୃଙ୍ଖଲିତ୍ ଦର୍ଶନ୍ର ବ୍ୟବସ୍ଥା କରାଯାଇଛେ ।

ବୌଦ୍ଧ ଜିଲ୍ଲାର୍ ଐତିହାସିକ ଗନ୍ଧରାଡ଼ି ପୀଠ ସହେତେ ଭିନ୍ ଭିନ୍ ଶିବମନ୍ଦିର୍ ମାନ୍କେ ଆଏଜ୍ କାଉଡ଼ିଆ ମାନ୍କର୍ ଜବର୍ ଭିଡ୍ ହେଇଥିଲା । ଖାସ୍ କରି ଗନ୍ଧରାଡ଼ି ନ ହର ଆର୍ ହରି ଥିବାର୍ନୁ ଜିଲ୍ଲା ଆର୍ ଜିଲ୍ଲା ବାହାରୁ କାଉଡ଼ିଆମାନେ ପାଏନ୍ ଚଢ଼େଇଥିଲେ । ସହରର୍ ଐତିହାସିକ ରାମନାଥ ବାବା, ଚନ୍ଦ୍ରଚୂଡ଼ ବାବା, ମାତଙ୍ଗେଶ୍ୱର୍ ବାବା, ପଲାସ, ସର୍ସରା, କର୍ଡ଼ି, ସିଦ୍ଧପୁର୍, ରାମ୍ଗଡ଼୍, ହର୍ଭଙ୍ଗା, ହରେକୃଷ୍ଣପୁର୍ ଶିବ ମନ୍ଦିର୍ ମାନ୍କେ କାଉଡ଼ିଆମାନ୍କର୍ ଜବର୍ ଭିଡ୍ ହେଇଥିଲା ।

ନୂଆପଡ଼ା ଜିଲ୍ଲାର୍ ଶିବମନ୍ଦିର୍ ମାନ୍କେ କାଉଡ଼ିଆ ମାନ୍କର୍ ଜବର୍ ଭିଡ୍ ଦେଖିବାର୍କେ ମିଲିଛେ । ଜିଲ୍ଲାର୍ ପଟୋରାର୍ ଯୋଗେଶ୍ୱର୍ ବାବା, ବୁଦ୍ଧିକୋମ୍ନା ନ ଥିବା ପ୍ରାଚୀନ୍ ଭୁବ୍ନେଶ୍ୱର୍ ବାବା , ଖଡ଼ିଆଲ୍ର କୋଶଲେଶ୍ୱର୍ ମନ୍ଦିର୍ ନ ଭକ୍ତ ମାନେ ପାଏନ୍ ଚଢ଼େଇଛନ୍ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଉତର୍ ବଙ୍ଗୋପ୍ସାଗର୍ ନ ହେଇଥିବା ଘୂର୍ଣ୍ଣିବଲୟର୍ ପ୍ରଭାବ୍ଥି ଆଏବା ୨୪ ଘଂଟା ଭିତ୍ରେ ଉତର୍ପଶ୍ଚିମ ବଙ୍ଗୋପ୍ସାଗର୍, ପଶ୍ଚିମବଙ୍ଗ୍ ଆର୍ ଓଡ଼ିଶାର୍ ସମୁଦ୍ର ଖଁଡ଼ି ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍ବାର୍ ସମ୍ଭାବନା ଅଛେ । ଇତାର୍ ପ୍ରଭାବ୍ଥି ସୁନ୍ଦର୍ଗଡ଼୍, କେନ୍ଦୁଝର୍, ମୟୁର୍ଭଞ୍ଜ୍ ସହେତେ ୨୩ ଟା ଜିଲ୍ଲା ନ ଧୁକାଗର୍ଡ଼ି ଆଉ

ଘଡ଼୍‌ଘଡ଼ି ସାଙ୍ଗେ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।